**ପୁରୀର ୨ ସାମ୍ବାଦିକଙ୍କୁ କରୋନା**

**ପୁରୀ ଅଫିସ:** ପ୍ରଥମ କରି ପୁରୀର ଦୁଇଜଣ ସାମ୍ବାଦିକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏକ ବୈଦ୍ୟୁତିକ ଗଣମାଧ୍ୟମର ଜଣେ ଖବରଦାତା ଏବଂ କ୍ୟାମେରାମ୍ୟାନ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଉଭୟଙ୍କୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଆଣ୍ଟିଜେନ ଟେଷ୍ଟ କରିବା ପରେ ସେମାନେ କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ତେବେ ଉଭୟଙ୍କଠାରେ ସେମିତି ବିଶେଷ ଲକ୍ଷଣ ନ ଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ଜୀବନ ଗଲା

**ବାଙ୍କୀ,୨୮।୮(ସ୍ୱ.ପ୍ର.):** ମାଛ ଧରିବାକୁ ଯାଇଥିବା କଟକ ଜିଲା ଡମପଡ଼ା ବ୍ଲକ କରବର ଗ୍ରାମର ପ୍ରକାଶ ଦଲେଇଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସକାଳ ପ୍ରାୟ ୬ଟା୩୦ରେ ପ୍ରକାଶ ଶୁଖୁଆଖଳା ଗେଙ୍ଗେଟିଆ ନିକଟବର୍ତ୍ତୀ ରଣନଦୀକୁ ହୁଲିଡଙ୍ଗା ଧରି ମାଛ ଧରିବାକୁ ଯାଇଥିଲେ। ବନ୍ୟା ଜଳମଧରେ ଓହଳି ରହିଥିବା ୧୧ କେଭି ବଦ୍ୟୁତ୍ ତାର ଚାର୍ଜ ହୋଇଥିଲା। ପ୍ରକାଶ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେଠାରେ ଲାଖି ରହିଥିଲେ। ଡମପଡ଼ା ଦମକଳ ବାହିନୀ ବୋଟ୍ ନେଇ ଆସି ନ ଥିବାରୁ ବାଙ୍କୀ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ହେଲେ ବିଳମ୍ବ କରିବାରୁ ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ ଛିନ୍ନ କରି ଡଙ୍ଗା ସହାଯ୍ୟରେ ପ୍ରକାଶକୁ ଉଦ୍ଧାର କରିଥିଲେ। ଅବହେଳାର ପ୍ରତିବାଦ କରି ଗ୍ରାମବାସୀ କରବରଠାରେ ରାସ୍ତାରୋକୋ କରିଥିଲେ। ପରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମହାନଦୀରେ ଦ୍ୱିତୀୟ ଡ୍ୟାମ୍ ଦାବି

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

**କଟକ ଅଫିସ,୨୮।୮:** ମହାଦନୀରେ ହୀରାକୁଦ ହେଉଛି ଏକ ମାତ୍ର ଡ୍ୟାମ୍। ପ୍ରବଳ ବର୍ଷା ସମୟରେ ଏହି ଡ୍ୟାମ୍‌ରେ ଅଧିକ ପରିମାଣର ବର୍ଷାଜଳ ଅଟକାଇବା ସମ୍ଭବ ହେଉନାହିଁ। ବାଧହୋଇ ଗେଟ୍ ଖୋଲାଯିବାରୁ ତଳିଆ ଅଞ୍ଚଳରେ ପ୍ରତ୍ୟେକ ବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ମହାନଦୀରେ ଆଉ ଏକ ଡ୍ୟାମ୍ ନିର୍ମାଣ ପାଇଁ ଶୁକ୍ରବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। କଟକଠାରେ ଏହି ଦ୍ୱିତୀୟ ଡ୍ୟାମ୍ ନିର୍ମାଣ କରିବା ପାଇଁ ଆଇନଜୀବୀ ଦିଲ୍ଲୀପ ରାୟ ଆବେଦନ କରିଛନ୍ତି। ପୂର୍ବରୁ ବହୁଥର ଦ୍ୱିତୀୟ ଡ୍ୟାମ୍ ନିର୍ମାଣ ପାଇଁ ଦାବି ହେଉଥିଲେ ମଧ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ବନ୍ୟା ଜଳକୁ ଅଟକାଇବା ବ୍ୟବସ୍ଥା ନ ଥିବା ଯୋଗୁ ତାହା ସମୁଦ୍ରରେ ମିଶିଯାଇ ନଷ୍ଟ ଯାଉଛି। ଆଉ ଏକ ଡ୍ୟାମ୍ ନିର୍ମାଣ ହେଲେ ବନ୍ୟା ହେବନାହିଁ ବୋଲି ସେ ଆବେଦନରେ ଉଲ୍ଲେଖ କରିଛନ୍ତି। ଏଥିରେ ଅର୍ଥ ବିଭାଗର ସଚିବ, ରାଜସ୍ୱ ବିଭାଗ ସଚିବ, ଜଳସମ୍ପଦ ବିଭାଗ ସଚିବ, କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ନାରୀ ସେବା ସଂଘର ଆଲୋଚନାଚକ୍ର

**କଟକ ଅଫିସ,୨୮।୮:** ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ପରିବାର ପରାମର୍ଶ ସମ୍ପର୍କୀୟ ଅନ୍‌ଲାଇନ ଆଲୋଚନାଚକ୍ର ଓ ବାର୍ଷିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ସଚିବ ସେକ କୁତବୁଦ୍ଦିନ କାର୍ଯ୍ୟକ୍ରମରେ ସମୀକ୍ଷା କରି ପରାମର୍ଶ କେନ୍ଦ୍ରର କାର୍ଯ୍ୟଧାରା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଭାନେତ୍ରୀ ଡ. ମନୋରମା ମହାପାତ୍ର, ସମ୍ପାଦିକ ଆଭା କାନୁନ୍‌ଗୋ, କୋଷାଧକ୍ଷା ନୟନତାରା ନନ୍ଦ, ଏଫ୍‌ସିସି କାଉନସିଲର ସରୋଜିନୀ ଓଝା, ଅମ୍ବିକା ପଲାଇ, ଜ୍ୟୋତି ନନ୍ଦ, ପ୍ରୋଟେକ୍ସନ ଅଫିସର ମଞ୍ଜୁଲତା ନାୟକ, ମିଶନ ଶକ୍ତିର ସଦସ୍ୟା ବନଜା ଦେବୀ ଉପସ୍ଥିତ ଥିଲେ।

# ଗାଁ ଦାଣ୍ଡରେ ଡଙ୍ଗା ଚାଲିଲା

**ଖୋର୍ଦ୍ଧା ବନ୍ୟା**
- ପାଣିଘେରରେ ୧୫ରୁ ଊର୍ଦ୍ଧ୍ୱ ଗାଁ
- ଡଙ୍ଗାରେ ବୁଲି ସ୍ଥିତି ପରଖିଲେ ଜିଲାପାଳ
- ବୁଡ଼ି ରହିଛି ଚାଷଜମି

**ଖୋର୍ଦ୍ଧା ଅଫିସ,୨୮।୮**

ଲଘୁଚାପଜନିତ ବର୍ଷା ଓ ହୀରାକୁଦରୁ ଜଳ ନିଷ୍କାସନ ଫଳରେ ରାଜୁଆ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଖୋର୍ଦ୍ଧା ବ୍ଲକର ଓରବରସିଂ, ନରଣଗଡ଼ ଓ ବ୍ରଜମୋହନପୁର ପଞ୍ଚାୟତରେ ବନ୍ୟାଜଳ ପଶିବା ଫଳରେ ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ ରହିଛି। ଏହି ଗ୍ରାମଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଜାର ହଜାର ଏକର ଚାଷଜମି ପାଣିରେ ବୁଡି ରହିଛି। ଏହି ତିନି ପଞ୍ଚାୟତର ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ପରିବାର, ୩ଶହ ଗୋରୁ ପ୍ରଭାବିତ ହୋଇଛନ୍ତି। ଗୋଟିଏ ଡଙ୍ଗା ଅଚଳ ହୋଇପଡିଥିବା ବେଳେ କୋଭିଡ୍ ଗାଇଡ୍‌ଲାଇନ ନିୟମ ଅନୁଯାୟୀ ଅନ୍ୟ ଏକ ଡଙ୍ଗାରେ ଗ୍ରାମବାସୀ ଯାତାୟାତ କରୁଛନ୍ତି।

ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଶୁକ୍ରବାର ଜିଲାପାଳ ସନତ୍ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଉପ ଜିଲାପାଳ ଅଶୋକ ବେହୁରିଆ, ତହସିଲଦାର ପଦ୍ମଚରଣ ସାହୁ ପ୍ରମୁଖ ଡଙ୍ଗାରେ ହିରିମୂଳ ଗ୍ରାମରେ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଯୋଗାଇଦିଆଯିବ ବୋଲି ଜିଲାପାଳ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଖବରପାଇ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଜିଲାପାଳଙ୍କୁ ବନ୍ୟା ସ୍ଥିତି ସମ୍ପର୍କରେ ଜଣାଇବା ସହ ଖାଦ୍ୟ, ସାମଗ୍ରୀ ଯୋଗାଇଦେବା ଲାଗି ଦାବି କରିଥିଲେ। ପାଣି ଜମି ରହିଥିବାରୁ ଗୋରୁଙ୍କ ଖାଦ୍ୟ ଅଭାବ ଦେଖାଦେଇଛି। ଗୋ' ଖାଦ୍ୟ ଯୋଗାଇଦେବା ଲାଗି ମଧ ଦାବି ହୋଇଛି। ପ୍ରତିବର୍ଷ ବର୍ଷାଦିନେ ହୀରାକୁଦର ଡ୍ରାଉନ ୱାଟର ଗେଟ ଖୋଲିଲେ ମହାନଦୀ ଜଳ ରାଜୁଆ ନଦୀରେ ପଶିବା ଦ୍ୱାରା ଏହି ଗ୍ରାମ ଗୁଡିକ କୃତ୍ରିମ ହ୍ରଦ, ନଈ ସୃଷ୍ଟି ହେଉଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଏକ ବନ୍ଧ ନିର୍ମାଣ ଲାଗି ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପ୍ରତି ଗୁରୁତ୍ୱ ଦିଆଯିବ ସହ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ। ଏନେଇ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ମହାନ୍ତି କହିଛନ୍ତି। ଅନ୍ୟପଟେ ରାତିରେ ଅଧିକ ବନ୍ୟାଜଳ ଗ୍ରାମରେ ପ୍ରବେଶ କଲେ ଗ୍ରାମବାସୀଙ୍କୁ ବାତ୍ୟା ଅଶ୍ରୟସ୍ଥଳିକୁ ସ୍ଥାନାନ୍ତର କରାଯିବ ବୋଲି ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି।



## ଧରିତ୍ରୀ କାର୍ଯ୍ୟାଳୟକୁ ସାନିଟାଇଜର ଷ୍ଟାଣ୍ଡ ପ୍ରଦାନ




ରୋଟାରି କ୍ଲବ ପକ୍ଷରୁ ପୁରୀ ଧରିତ୍ରୀ କାର୍ଯ୍ୟାଳୟକୁ ସାନିଟାଇଜର ଷ୍ଟାଣ୍ଡ ପ୍ରଦାନ କରାଯାଉଛି।

**ପୁରୀ ଅଫିସ,୨୮।୮**

ମହାମାରୀ କରୋନା ସଂକ୍ରମଣ ଏବେ ଉପରମୁହାଁ ରହିଛି। ତଥାପି ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଗଣମାଧମ ପ୍ରତିନିଧି ସେମାନଙ୍କ କର୍ତ୍ତବ୍ୟ କରିଚାଲିଛନ୍ତି। ଜନସାଧାରଣ ମଧ ସେମାନଙ୍କ ସମସ୍ୟା ନେଇ ବିଭିନ୍ନ ଗଣମାଧମ କାର୍ଯ୍ୟାଳୟକୁ ଯାଉଛନ୍ତି। ତେଣୁ ଏହାକୁ ନଜରରେ ରଖି ସମସ୍ତଙ୍କ ସୁରକ୍ଷା ପାଇଁ ରୋଟାରି କ୍ଲବ ଅଫ୍ ପୁରୀ ସାଗର ଆଗେଇ ଆସିଛି। କ୍ଲବ ପକ୍ଷରୁ ଶୁକ୍ରବାର ପୁରୀ ସହରାଞ୍ଚଳରେ ଥିବା ଧରିତ୍ରୀ କାର୍ଯ୍ୟାଳୟକୁ ସାନିଟାଇଜର ଷ୍ଟାଣ୍ଡ ପ୍ରଦାନ କରାଯାଇଛି। କ୍ଲବ ସଭାପତି ଯୁଧିଷ୍ଠିର ଲେଙ୍କା, ସମ୍ପାଦକ ହିମାଂଶୁ ମୋହନ ମହାନ୍ତିଙ୍କ ନେତୃତ୍ୱରେ ରୋଟାରିଆନ କୃଷ୍ଣଚନ୍ଦ୍ର ସାହୁ, ଶ୍ୟାମକାହ୍ନା ପଟ୍ଟନାୟକ, ଶ୍ୟାମସୁନ୍ଦର ମହାପାତ୍ର, ରାଜଦୀପ ଘୋଷ, ଚନ୍ଦନ ପାତ୍ର, ଦାମୋଦର ମହାନ୍ତି, ଦୀପକ ମହାନ୍ତି, ହରିହର ଖୁଣ୍ଟିଆ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।



ଶ୍ରୀମନ୍ଦିର ସମ୍ମୁଖରେ କଂସ ବଧ ନୀତି ସମ୍ପନ୍ନ କରାଯାଉଛି।

## ଶ୍ରୀମନ୍ଦିରରେ କୃଷ୍ଣଲୀଳା ସମାପନ

**ପୁରୀ ଅଫିସ,୨୮।୮**

ପ୍ରବଳ ପ୍ରତାପୀ କଂସ ବଧ ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳା ପରିସମାପ୍ତି ଘଟିଛି। ଭାଦ୍ରବ ଶୁକ୍ଳ ଦଶମୀ ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଆଜ୍ଞାମାଳ ଲାଗି ହେବା ପରେ ଦୁଇଠାକୁରଙ୍କୁ ବଟବୃକ୍ଷ ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁମାନେ ପାଲିଙ୍କିକୁ କୁଣ୍ଠାଇବେଣ୍ଟ ସାହିରେ ଥିବା ଲବଣୀଖିଆ ଛକକୁ ନେଇଥିଲେ। ଛକରେ ଥିବା ପନ୍ତିଘରେ ଲବଣୀ ଖିଆ ନୀତି ସମ୍ପନ୍ନ ହୋଇଥିଲା। ସେଠାରେ ଭିତରଚ୍ଛ ମହାପାତ୍ର ଠାକୁରଙ୍କୁ ଆଳତି ବନ୍ଦାପନା କରିବା ସହିତ ମହାଭୋଇଙ୍କ ସର, ଲବଣୀଙ୍କୁ ଠାକୁରଙ୍କୁ ସମର୍ପଣ କରିଥିଲେ। ମହାଜନମାନେ ଠାକୁରଙ୍କୁ ପନ୍ତି ଘର ଖଟଶେଯ ଉପରକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ଭୋଗ ଲାଗି କରାଇଥିଲେ। ଏହାପରେ ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣୀ, ଖୁଆଇଥିଲେ। ଶୀତଳ ଭୋଗ ପରେ ଭିତରଚ୍ଛ ମହାପାତ୍ର ବନ୍ଦାପନା କରିଥିଲେ। ଠାକୁର ପାଲଙ୍କିରେ ବିଜେ ହୋଇ ମରିଚିକୋଟ ଛକ ନିକଟସ୍ଥ ମରିଚି ଠାକୁରାଣୀଙ୍କ ପନ୍ତି ନିମନ୍ତେ ଯାଇଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ାର ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରି ଏହି ନୀତି ସମ୍ପନ୍ନ କରିଥିଲେ।

**କଂସ ବଧ :** ସିଂହଦ୍ୱାର ସମ୍ମୁଖ ବଡ଼ଛତା ମଠ ଆଗରେ କଂସବଧ ନୀତି ସମ୍ପନ୍ନ ହୋଇଥିଲା। ବାଲିସାହି ଆଖଡ଼ା ପକ୍ଷରୁ କଂସ ବଧ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ନୀତିରେ ପ୍ରଥମେ କଂସ ନିଜର ରଣହୁଙ୍କାର ଦେବା ପରେ ସେଠାରେ ଠାକୁରଙ୍କୁ ଶୀତଳ ଭୋଗ ବନ୍ଦାପନା ହୋଇଥିଲା। ଶ୍ରୀକୃଷ୍ଣଙ୍କ ପରାକ୍ରମ ଦେଖି କଂସ ଭୟଭୀତ ହୋଇ ମଞ୍ଚାରୁ ପଡିଯିବାରୁ ତାଙ୍କର ନିଧନ ହୋଇଥିଲା। ଏହାପରେ ସେଠାରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

## ବିକାଶ, ପପୁ, ଦୀପକଙ୍କ ଲାଏ ଡିଟେକ୍ସନ

**ଆଦିତ୍ୟ ଦାଶ ମୃତ୍ୟୁ ମାମଲା**

**ଭୁବନେଶ୍ୱର,୨୮।୮(ବ୍ୟୁରୋ)**

ମାନବପ୍ରେମୀ ଆଦିତ୍ୟ ଦାଶ ମୃତ୍ୟୁର ରହସ୍ୟ ପାଇବାକୁ କ୍ରାଇମ୍‌ବ୍ରାଞ୍ଚ ଶେଷରେ ଲାଏ ଡିଟେକ୍ସନର ସାହାରା ନେଇଛି। ଗୁରୁବାର ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀଙ୍କର ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଥିବାବେଳେ ଶୁକ୍ରବାର ୩ ସହଯୋଗୀ ତଥା ପିପୁଲ ଫର୍ ସେବାର ସଦସ୍ୟ ବିକାଶ, ପପୁ ଓ ଦୀପକଙ୍କ ଟେଷ୍ଟ କରାଯାଇଛି। କ୍ରାଇମବ୍ରାଞ୍ଚ ଟିମ୍ ଏହି ୩ଜଣଙ୍କୁ ଧରି ରସୁଲଗଡ଼ସ୍ଥିତ ରାଜ୍ୟ ଫରେନ୍ସିକ୍ ଲାବ୍‌ରେ ପହଞ୍ଚିଥିଲା। ପ୍ରଥମେ ବିକାଶ ଓ ପରେ ଅନ୍ୟ ଦୁଇଜଣଙ୍କର ଲାଏ ଡିଟେକ୍ସନ କରାଯାଇଥିଲା। ଏହାସହ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବିକାଶକୁ ମଧ ଜେରା କରିଥିଲା।

ଲାଏ ଡିଟେକ୍ସନ୍ ପରେ ବିକାଶ କହିଛନ୍ତି, ଆଦିତ୍ୟଙ୍କ ଡାଏରୀ, ଅଡିଓ କଲ୍ ସହ ଉଭୟ ସ୍ୱାମୀ,ସ୍ତ୍ରୀ ମଧରେ ପାରିବାରିକ କଳହ ଆଦି ସଂକ୍ରାନ୍ତ ୧୫ ବିଷୟରେ ତାଙ୍କୁ ପ୍ରଶ୍ନ ପଚରାଯାଇଥିଲା। ସେ ସମସ୍ତ ଉତ୍ତର ଦେଇଥିବା କହିଛନ୍ତି। ସେହିପରି ପପୁ ଓ ଦୀପକଙ୍କୁ ୬୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ କରାଯାଇଥିଲା। ପୂରା ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇଛି। ସେମାନେ ପୂର୍ବରୁ ଦେଇଥିବା ବୟାନ ଓ ଟେଷ୍ଟ ସମୟରେ ଦେଇଥିବା ବୟାନରେ କିଛି ସାମଞ୍ଜସ୍ୟ ରହିଛି କି ନାହିଁ ସେନେଇ ମଧ କ୍ରାଇମ୍‌ବ୍ରାଞ୍ଚ ଯାଞ୍ଚ କରୁଛି। ଆଦିତ୍ୟଙ୍କ ସହ ପିପୁଲ ଫର ସଦସ୍ୟଙ୍କ ସମ୍ପର୍କ କିଭଳି ରହିଥିଲା। ବିଦ୍ୟାଶ୍ରୀଙ୍କ ସହ ଆଦିତ୍ୟଙ୍କ ପାରିବାରିକ ଝଗଡ଼ା ହେଉଥିଲା କି? ଯଦି ହେଉଥିଲା ତେବେ ଏହାର କାରଣ କ'ଣ? ଏହାସହ ଆଶ୍ରମ ଜମି କିଣାକୁ ନେଇ କିଛି ବିବାଦ ଉଠିଥିଲା କି? ବିଦ୍ୟାଶ୍ରୀଙ୍କ ବିଷୟରେ ଆଦିତ୍ୟ କ'ଣ କହୁଥିଲେ। ଆଦିତ୍ୟଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା? ଆଦି ଅନେକ ପ୍ରଶ୍ନ ଲାଏ ଡିଟେକ୍ସନ ସମୟରେ ପଚରା ଯାଇଥିଲା ସୂଚନା ମିଳିଛି।

### ହାଇକୋର୍ଟ ଗଲେ ଆଦିତ୍ୟଙ୍କ ପରିବାର

**କଟକ ଅଫିସ,୨୮।୮**

ସାମାଜିକ କର୍ମୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରି ତାଙ୍କ ପରିବାରବର୍ଗ ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେବା କିମ୍ବା ଯେକୌଣସି ନିରପେକ୍ଷ ତଦନ୍ତକାରୀ ସଂସ୍ଥା ଯାହା ଓଡ଼ିଶା ସରକାରଙ୍କ ଅଧୀନସ୍ଥ ହୋଇ ନ ଥିବ, ସେଭଳି ସଂସ୍ଥା ଦ୍ୱାରା ତଦନ୍ତ ପାଇଁ ଆବେଦନ କରାଯାଇଛି। ଆଦିତ୍ୟଙ୍କ ମା' ପଦ୍ମାଳୟା, ବାପା ନନ୍ଦି କିଶୋର ଓ ସ୍ତ୍ରୀ ବିଦ୍ୟାଶ୍ରୀଙ୍କ ପକ୍ଷରୁ ଏହି ମାମଲା ଦାଏର ହୋଇଛି। ଆଦିତ୍ୟ ବିଭିନ୍ନ ସମୟରେ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ଥିଲେ। ତେଣୁ କେହି ତାଙ୍କୁ ହତ୍ୟା କରିଛନ୍ତି। ପ୍ରଥମେ ଜିଆର୍‌ପି ଓ ପରେ କ୍ରାଇମ୍‌ବ୍ରାଞ୍ଚ ଏହାର ତଦନ୍ତ କରୁଛି। କିନ୍ତୁ ତଦନ୍ତ ବହୁ ଧିମା ଚାଲିଛି। ଏଯାଏ କେହି ଗିରଫ ହୋଇନାହାନ୍ତି। ସିବିଆଇ କିମ୍ବା କୌଣସି ନିରପେକ୍ଷ ସଂସ୍ଥା ଏହାର ତଦନ୍ତ କଲେ ହିଁ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଏଥିରେ ରାଜ୍ୟ ଗୃହ ସଚିବ, କଟକ ଜିଆର୍‌ପି ଏସ୍‌ପି, ଭୁବନେଶ୍ୱର ସିବିଆଇ ଆଞ୍ଚଳିକ ନିର୍ଦ୍ଦେଶକ, ଭୁବନେଶ୍ୱର ସିବିଆଇ ଅଧୀକ୍ଷକ, କ୍ରାଇମ୍‌ବ୍ରାଞ୍ଚ ସିଆଇଡି ଅଧୀକ୍ଷକଙ୍କୁ ପକ୍ଷଭୁକ୍ତ କରାଯାଇଛି।

## କୋଟିପତି ଜିଆର୍‌ଏସ୍‌ଙ୍କୁ ଗିରଫକଲା ଭିଜିଲାନ୍ସ

**କଟକ ଅଫିସ,୨୮।୮**

ପୁରୀ ଜିଲା ଗୋପ ବ୍ଲକ ଛଇତନା ପଞ୍ଚାୟତର ଜିଆର୍‌ଏସ୍ ଗୋବିନ୍ଦ ଚନ୍ଦ୍ର ପରିଡ଼ା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ଭୁବନେଶ୍ୱର ଡିଭିଜନ ତାଙ୍କୁ ଗିରଫ କରିଛି। ଗୋବିନ୍ଦଙ୍କ ସମ୍ପତ୍ତି ତାଙ୍କ ମୋଟ ଆୟର ୬୦୩ ପ୍ରତିଶତ ବୋଲି ଭିଜିଲାନ୍ସ ସୂଚନା ଦେଇଛି।

ଗୋବିନ୍ଦଙ୍କ ପୁରୀ ସହର ସ୍ଥିତ ୨ଟି ତିନିମହଲା କୋଠା, ଛଇତନାସ୍ଥିତ କାର୍ଯ୍ୟାଳୟ, ଅଳଶଙ୍ଖାସ୍ଥିତ ପୈତୃକ ଘର, ଆଜ୍‌ବେଷ୍ଟସ ଘର ଓ ବାଲି କପିଳେଶ୍ୱରସ୍ଥିତ କ୍ଲିନିକ୍‌ରେ ଗୁରୁବାର ଭିଜିଲାନ୍ସ ଏକକାଳୀନ ଚଢ଼ାଉ କରିଥିଲା। ଆକଳନ ବେଳେ ମୋଟ ୧ କୋଟି ୭୦ ଲକ୍ଷ ୧୫ ହଜାର ୬୫୪ ଟଙ୍କାର ସମ୍ପତ୍ତି ମିଳିଥିଲା। ଏଥିରେ ୧କୋଟି ୧୦ ଲକ୍ଷ ୯୭ ହଜାର ୬୬୭ ଟଙ୍କାର ୨ଟି ତିନି ମହଲା ଘର, ୬ ଲକ୍ଷ ୫୨ ହଜାର ୬୬୪ ଟଙ୍କାର ଏକ ଆଜ୍‌ବେଷ୍ଟସ୍ ଘର, ୨ଲକ୍ଷ ୭୦ ହଜାର ୮ଶହ ଟଙ୍କାର ଏକ ମହଲା କୋଠା, ୧୬ ଲକ୍ଷ ୩୦ ହଜାର ଟଙ୍କାର ୭ଟି ପ୍ଲଟ୍, ବିଭିନ୍ନ ବ୍ୟାଙ୍କ୍‌ରେ ୧୬ ଲକ୍ଷ ୭୦ ହଜାର ୨୭୮ ଟଙ୍କାର ଜମାରାଶି, ୭ଲକ୍ଷ ୬୨ ହଜାର ୫୨୫ ଟଙ୍କାର ବୀମା ସହ ନଗଦ ୪ଲକ୍ଷ ୨୮ ହଜାର ୯୬୦ ଟଙ୍କା ଓ ଅନ୍ୟ ସମ୍ପତ୍ତି ରହିଛି। ନିଜ ମୋଟ ସମ୍ପତ୍ତି ମଧ୍ୟରୁ ସେ ୧,୫୬,୮୩,୬୫୪ ଟଙ୍କା ସମ୍ପତ୍ତିର ଉତ୍ସ ଦେଖାଇବାରେ ବିଫଳ ହୋଇଥିଲେ। ଏନେଇ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଗୋଳିପାଣି ପିଉଛନ୍ତି ଗ୍ରାମବାସୀ

**ଜଳ ବିଶୋଧନ ଯନ୍ତ୍ର ଅଚଳ**

**ପୁରୀ ଅଫିସ,୨୮।୮**

ବର୍ତ୍ତମାନ ବିଭିନ୍ନ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଏପରି କି ତଳିଆ ଅଞ୍ଚଳରେ ମଧ ବନ୍ୟା ଜଳ ପଶିଛି। ତେଣୁ ଏହି ସମୟରେ ବିଭିନ୍ନ ଜଳ ଉତ୍ସ ବନ୍ୟାପାଣି ସଂସ୍ପର୍ଶରେ ଆସୁଥିବାରୁ ଗାଁ ଗହଳିର ଲୋକେ ସଂକ୍ରାମକ ରୋଗରେ ପଡ଼ିଥାନ୍ତି। ତେଣୁ ଲୋକଙ୍କ ପାଖରେ କିପରି ସ୍ୱଚ୍ଛ ପାନୀୟଜଳ ପହଞ୍ଚିପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବା କଥା। ମାତ୍ର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ପୁରୀ ସଦର ବ୍ଲକର କେତେକ ଗ୍ରାମରେ। ଜଳ ବିଶୋଧନ ଯନ୍ତ୍ର ଅଚଳ ହୋଇଥିବାରୁ ଗ୍ରାମବାସୀ ଗୋଳି ପାଣି ପିଉଛନ୍ତି ବୋଲି ବୀରନରସିଂହପୁରର ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଜଳ ବିଶୋଧନ ଯନ୍ତ୍ର ଅଚଳ ହୋଇପଡ଼ିବା ନେଇ ଅଞ୍ଚଳବାସୀ ଗ୍ରାମ ଜଳଯୋଗାଣ ଅଧିକାରୀଙ୍କୁ ବହୁବାର ଜଣାଇଛନ୍ତି। କିନ୍ତୁ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ବୀରନରସିଂହପୁର, ଥେଣ୍ଟପୁର, ଚଉରାସାହି, ଆଳେନ୍ଦିଆ, ପଣ୍ଡାସାହି ଏବଂ ବାଲିଗୋରଡ଼ି ଗ୍ରାମର ଶହ ଶହ ପରିବାର ଗୋଳିପାଣି ପିଉଛନ୍ତି। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳରେ ଝାଡ଼ାବାନ୍ତି, ଜ୍ୱର ଆଦି ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ରହିଛି ବୋଲି ମିଶ୍ର କହିଛନ୍ତି।

ଗ୍ରାମ ଜଳ ଯୋଗାଣ ବିଭାଗ ପକ୍ଷରୁ ଭାର୍ଗବୀ ନଦୀର ପାଣି ଉତ୍ତୋଳନ କରାଯାଇ ବିଶୋଧନ ପରେ ଓଭରହେଡ୍ ଟାଙ୍କିରୁ ଆଖପାଖ ଅଞ୍ଚଳକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ କରାଯାଇଥାଏ। ହେଲେ ଦୀର୍ଘଦିନ ଧରି ଜଳ ବିଶୋଧନ ଯନ୍ତ୍ର ଅଚଳ ହୋଇଥିଲେ ମଧ ତାହାର ମରାମତି କରାଯାଉନାହିଁ କି ନୂଆ ବିଶୋଧନ ଯନ୍ତ୍ର ଲଗାଯାଉ ନାହିଁ ବୋଲି ପଣ୍ଡିତ ମିଶ୍ର ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ନୂତନ ଜଳ ବିଶୋଧନ ଯନ୍ତ୍ର ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ପାନୀୟଜଳ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଦାୟିତ୍ୱ ଏବେ ସରପଞ୍ଚମାନଙ୍କୁ ପ୍ରଦାନ କରାଯାଇଛି। ତେଣୁ ଏ ସଂକ୍ରାନ୍ତରେ ବୀରନରସିଂହପୁରର ସରପଞ୍ଚ ଶଶିଭୂଷଣ ପଣ୍ଡାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

## କଣାସ-ଗୋଳବାଇ ରାସ୍ତାରେ ୩ଫୁଟର ପାଣି

**ଦୟାନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ**



ରାସ୍ତାରେ ବନ୍ୟାପାଣି ଚାଲୁଛି।

**କଣାସ,୨୮।୮ (ସ୍ୱ.ପ୍ର./ଡି.ଏନ୍.ଏ.)**

ଲଘୁଚାପଜନିତ ବର୍ଷା ଓ ବନ୍ୟାଜଳ ପ୍ରବାହ ଯୋଗୁ କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଶାଖାନଦୀ ରାଜୁଆ, ମକରା, କାଣିଆ, ଲୁଣାନଦୀର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ କଣାସରେ ଦୟାନଦୀର ବିପଦ ସଙ୍କେତ ୩.୯୯ମି. ଥିବାବେଳେ ଶୁକ୍ରବାର ୫.୨୫ମି.ରେ ପ୍ରବାହିତ ହେଉଛି। ଜଳପତ୍ତନ ବୃଦ୍ଧି ଯୋଗୁ କଣାସ-ଗୋଳବାଇ ରାସ୍ତାର ଦୋକନ୍ଦା ଗ୍ରାମ ନିକଟରେ ୩ଫୁଟର ଜଳ ରହିଛି। ଫଳରେ କଣାସ ବ୍ଲକର ଅନେକ ପଞ୍ଚାୟତ ବିଚ୍ଛିନ୍ନ ହୋଇପଡିଛି। ଦୋକନ୍ଦା, ବାଲିପାଟଣା, ତରପଡ଼ା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ ଗାଁରେ ବନ୍ୟାଜଳ ସ୍ରୋତ ଭାଙ୍ଗୁଥିବା ବେଳେ କଖାରୁବସ୍ତ, ବଡାସ, ତରପଡା, ବାଲିପାଟଣା, ଦୋକନ୍ଦା ଗ୍ରାମର ଅନେକଙ୍କ ବାସଗୃହରେ ବନ୍ୟାଜଳ ପ୍ରବେଶ କରିଛି। ନଦୀଜଳ ବୃଦ୍ଧି ପାଉଥିବାରୁ କଣାସ ଜଳସେଚନ ବିଭାଗ ଏବଂ ଖୋର୍ଦ୍ଧା ଜଳସେଚନ ବିଭାଗର ଯନ୍ତ୍ରୀମାନେ ଦିନତମାମ ବନ୍ଧର ସୁରକ୍ଷା ପାଇଁ ବୁଲି ଦେଖୁଛନ୍ତି। ଦୟାନଦୀର ବାମପାର୍ଶ୍ୱ ତ୍ରିଲୋଚନପୁର, ରାଣୀପଡା, ଭାଟପଡା, ବସନ୍ତପୁର ପ୍ରଭୃତି ସ୍ଥାନଗୁଡ଼ିକରେ ଜଳସେଚନ ବିଭାଗ ପକ୍ଷରୁ ବନ୍ଧର ସୁରକ୍ଷାପାଇଁ ରାତ୍ରରେ ଜଗୁଆଳି ବ୍ୟବସ୍ଥା କରିବା ସହ ବାଲିବସ୍ତା, ବଲ୍ଲା ମହଜୁଦ ରଖାଯାଇଥିବା କଣାସ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ମକରା ବେହେରା କହିଛନ୍ତି। ଗ୍ରାମରେ ବନ୍ୟାଜଳ ପ୍ରବେଶ କରୁଥିବାରୁ ଠିକ୍ ଭାବେ ଲୋକେ ପାନୀୟ ଜଳ ପାଇପାରୁ ନାହାନ୍ତି। ବାଧ ହୋଇ ବନ୍ୟାଜଳ ପିଉଥିବାରୁ ଜ୍ୱର ଓ ଥଣ୍ଡା ଭଳି ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ପାନୀୟଜଳ ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଦାବି ହେଉଛି। ଏ ନେଇ ବିଡିଓ ଲୋଚନ ଦାଶ କହିଛନ୍ତି, ପ୍ରାରମ୍ଭିକ ଭାବେ ଆମେ ୩ଟି ମୋଟରବୋଟ ଓ ୩ଟି ବୋଟ ପ୍ରସ୍ତୁତ କରି ରଖିଛୁ। ତହସିଲଦାର ଲକ୍ଷ୍ମୀଧର ମହାରଣା କହିଛନ୍ତି, ମୁଁ ବଗିପଡ଼ା ଯାଇଥିଲି, ସେଠି ଜଳ ଘେରରେ ଥିବା ପରିବାରଙ୍କୁ ପଲିଥିନ ଦେବାକୁ ଆର୍‌ଆଇଙ୍କୁ କହିଛି। କିଛି ଅଞ୍ଚଳ ବୁଲି ଦେଖିବା ସହ ପରିସ୍ଥିତି ଉପରେ ନଜର ରଖିଛୁ।

## ରାଶନ କାର୍ଡ ବଣ୍ଟନରେ ଅନିୟମିତତା

ଗୋପ (ଡି.ଏନ୍.ଏ.): ଗୋପ ବ୍ଲକ ବଡ଼ତରା ପଞ୍ଚାୟତରେ ରାଶନ କାର୍ଡ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି। ଏପରିକି ସରପଞ୍ଚଙ୍କ ନାଁରେ ରାଶନ କାର୍ଡ ଆସିବା ସହ ୫ଟି ଅଭିଯୋଗକୁ ନେଇ କଂଗ୍ରେସ ଶୁକ୍ରବାର ବ୍ଲକ ସମ୍ମୁଖରେ ଆମରଣ ଅନଶନ କରିଛି। ବଡ଼ତରା ପଞ୍ଚାୟତରେ ରାଶନ କାର୍ଡ ବଣ୍ଟନରେ ବ୍ୟାପକ ଅନିୟମିତତା ହେଉଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। କେତେକ ପରିବାରରେ ଏକାଧିକ ରାଶନ କାର୍ଡ ଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବାଦ୍ ପଡ଼ିଥିଲେ। ମାତ୍ର ପରେ ସରପଞ୍ଚଙ୍କ ନାଁରେ ମଧ ରାଶନ କାର୍ଡ ଆସିବା ପରେ କଂଗ୍ରେସ ଅଭିଯୋଗ କରିଥିଲା।



**ସଂକ୍ଷେପରେ**

### ଛେଳିକୁ ଗିଳିଲା ଅଜଗର

ବେଗୁନିଆ,୨୮।୮(ଡି.ଏନ୍.ଏ.):ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ଦଲକ ଗ୍ରାମ ନିକଟ ହନୁମନ୍ତିଆ ଡ୍ୟାମ୍‌ଠାରେ ଶୁକ୍ରବାର ୧୫ଫୁଟ ଲମ୍ବର ଅଜଗର ସାପ ଏକ ଛେଳିକୁ ଗିଳୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ମୃତ ଅବସ୍ଥାରେ ଛେଳିକୁ ଉଦ୍ଧାର କରିଥିଲେ। ସୂଚନା ଅନୁଯାୟୀ, ଏହି ଗ୍ରାମର କୁସୁନି ସାହୁ ଛେଳି ଚରାଇବା ପାଇଁ ହନୁମନ୍ତିଆ ଜଙ୍ଗଲକୁ ଯାଇଥିଲେ। ସେଠାରେ ଛେଳି ଚରୁଥିବାବେଳେ ହଠାତ୍ ଗୋଟିଏ ଅଜଗର ଏକ ଛେଳିକୁ ଗିଳିବାକୁ ଆରମ୍ଭ କରିଥିଲା। କୁସୁନି ଏହା ଦେଖି ଡାକ ପକାଇବାରୁ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ସାପକୁ ଧରିବା ସହ ମୃତ ଅବସ୍ଥାରେ ଛେଳିକୁ ଉଦ୍ଧାର କରିଥିଲେ। ଏହା ପରେ ସାପକୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

### ଆଇସୋଲେଶନ ୱାର୍ଡରୁ ୨୩ ପଜିଟିଭ୍

କଟକ ଅଫିସ,୨୮।୮: ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ଶୁକ୍ରବାର ୨୩ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ବ୍ୟତୀତ ୨ଜଣ ସନ୍ଦିଗ୍ଧଙ୍କ ମୃତ୍ୟୁ ଘଟିଛି। ସୁପର ସ୍ପେଶିଆଲିଟି ହେମାଟୋଲୋଜି ଆଉଟ୍‌ଡୋର୍‌ରୁ ଜଣେ ରୋଗୀଙ୍କ ରିପୋର୍ଟ ପଜିଟିଭ ବାହାରିଛି। ଅର୍ଥୋପେଡିକ ବିଭାଗରୁ ଜଣେ ରୋଗୀଙ୍କ ପଜିଟିଭ ରିପୋର୍ଟ ପୂରା ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। କାରଣ ଏଠାକାର ଜଣେ ରୋଗୀଙ୍କ ଅପରେଶନ ପୂର୍ବରୁ ରିପୋର୍ଟ ନେଗେଟିଭ ଥିଲା। କିନ୍ତୁ ଅପରେଶନ କରିବାର ୨ଦିନ ପରେ ତାଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ ବାହାରିବାରୁ ଭୟ ଖେଳି ଯାଇଛି।

### କିଶନନଗର ଥାନାରୁ ୨ ପଜିଟିଭ୍

କଟକସଦର,୨୮।୮(ଡି.ଏନ୍.ଏ.): କଟକ ଜିଲା କିଶନନଗର ଥାନାର ୨ଜଣ କନଷ୍ଟେବଲ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଶୁକ୍ରବାର ଜଣାପଡ଼ିଛି। ଚିହ୍ନଟ ପରେ ଉଭୟଙ୍କୁ କଟକ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଏହାବ୍ୟତୀତ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ପୋଲିସ କର୍ମଚାରୀମାନଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଖବରପାଇ କିଶୋରନଗର ପଞ୍ଚାୟତ ସରପଞ୍ଚ ରଶ୍ମିତା ମହାନ୍ତି ପଞ୍ଚାୟତକୁ ଶୁକ୍ରବାରଠାରୁ ସୋମବାର ରାତି ୯ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି।

### ପୁରୀରୁ ୧୧୫ ପଜିଟିଭ୍ ଚିହ୍ନଟ

ପୁରୀ ଅଫିସ,୨୮।୮: ପୁରୀ ଜିଲାରୁ ଶୁକ୍ରବାର ୧୧୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାର ମୋଟ ପଜିଟିଭ ସଂଖ୍ୟା ୩୨୦୧ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨,୨୫୯ ସୁସ୍ଥ ହୋଇଥିବା ବେଳେ ୯୨୮ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଜିଲାରୁ ୧୧ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଚିହ୍ନଟଙ୍କ ମଧ୍ୟରେ ସହରାଞ୍ଚଳର ୬୪ ଏବଂ ଗ୍ରାମାଞ୍ଚଳର ୫୧ଜଣ ରହିଛନ୍ତି। ପୁରୀ ମ୍ୟୁନିସିପାଲିଟିର ୧୯ ନଂ. ୱାର୍ଡରୁ ସର୍ବାଧିକ ୧୦ ପଜିଟିଭ ଥିବାବେଳେ ୧୬ ଓ ୨୯ ନଂ. ୱାର୍ଡରୁ ୫ ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି । ସେହିପରି ୨, ୧୮ରୁ ୪ ଜଣ ଲେଖାଏ, ୩, ୪, ୧୩, ୧୫, ୨୧, ୨୨, ୨୩, ୨୭ ଓ ୩୧ ନଂ. ୱାର୍ଡରୁ ୩ଜଣ ଲେଖାଏ, ୫ରୁ ୨ଜଣ, ୭, ୧୦, ୧୨, ୧୭, ୨୪, ୨୫ ଓ ୩୦ ନଂ. ୱାର୍ଡରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି।

# ରାଜଧାନୀରେ ଆକ୍ରାନ୍ତ ହେଲେଣି ୯୦୦୧

- ୩୫୪ ନୂଆ ପଜିଟିଭ୍, ୨୯୫ ସୁସ୍ଥ
- ଅଗଷ୍ଟରେ ଚିହ୍ନଟ ହୋଇଛନ୍ତି ୬,୨୬୬ ଆକ୍ରାନ୍ତ

ଭୁବନେଶ୍ୱର, ୨୮।୮ (ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ସଂକ୍ରମଣ ଅଣାୟତ୍ତ ହେବାରେ ଲାଗିଛି। ପୂର୍ବରୁ ଅଧିକାଂଶ ଆକ୍ରାନ୍ତ ସଙ୍ଗରୋଧରୁ ଚିହ୍ନଟ ହେଉଥିବାବେଳେ ଏବେ ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହୁଛି। ଶେଷ ଦିନକରେ ପୁଣି ୩୫୪ ନୂଆ ପଜିଟିଭ୍ ବାହାରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୫୨ ଜଣ ସଙ୍ଗରୋଧ ଆକ୍ରାନ୍ତ ଓ ୨୦୨ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଆକ୍ରାନ୍ତ ସଂଖ୍ୟା ୯୦୦୧କୁ ବୃଦ୍ଧି ପାଇଛି।

ତେବେ ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ଏହା ମଧ୍ୟରୁ କେବଳ ୬୨୬୬ ଆକ୍ରାନ୍ତ ଅଗଷ୍ଟ ୨୮ଦିନରେ ହିଁ ଚିହ୍ନଟ ହୋଇଛନ୍ତି। ସେହିଭଳି ଆଉ ୨୯୫ଜଣ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟ ସଂଖ୍ୟା ୫୪୧୯ ଛୁଇଁଛି। କରୋନାରେ ୩୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୫୩୫ ସକ୍ରିୟ ମାମଲା ରହିଛି। କିନ୍ତୁ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ସେପ୍ଟେମ୍ବର ୧୫ ସୁଦ୍ଧା ଭୁବନେଶ୍ୱରରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୫ ହଜାରରେ ପହଞ୍ଚିଥିବା ନେଇ ବିଏମ୍‌ସି ଯେଉଁ ଆକଳନ କରୁଥିଲା, ସେୟାହିଁ ହେବ ବୋଲି କୁହାଯାଉଛି।

ତେବେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତ ମଧ୍ୟରୁ ଚନ୍ଦ୍ରଶେଖରପୁର ୭ମ ବାଟାଲିନରୁ ସର୍ବାଧିକ ୧୭ଜଣ ରହିଥିବାବେଳେ ଜାଗମରା ମଲ୍ଲିକ କମ୍ପ୍ଲେକ୍ସରୁ ୮ଜଣ, ନୟାପଲ୍ଲୀ ବେହେରା ସାହିରୁ ୬ଜଣ, ୟୁନିଟ୍-୧ରୁ ୫ଜଣ, ପାୱାର ହାଉସ କଲୋନୀରୁ ୪ଜଣ, ଇନକମ ଟ୍ୟାକ୍ସ କଲୋନୀରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଏହିଭଳି ସହରର ବିଭିନ୍ନ ଅଞ୍ଚଳରୁ ଜଣେ, ଦୁଇଜଣ ଲେଖାଏ ପଜିଟିଭ୍ ମଧ ବାହାରିଛନ୍ତି।

## ରେଷ୍ଟୁରାଣ୍ଟ ସିଲ୍, ଉଲ୍ଲଂଘନକାରୀଙ୍କୁ ଜରିମାନା

**କୋଭିଡ଼ ନିୟମ ନ ମାନି ଚାଲିଥିଲା ଜନ୍ମଦିନ ଉତ୍ସବ**

ଭୁବନେଶ୍ୱର,୨୮।୮(ବ୍ୟୁରୋ): କୋଭିଡ଼ ନିୟମ ଉଲ୍ଲଂଘନ କରି ପୁରୀ ବାଇପାସ୍ ରୋଡ୍‌ସ୍ଥିତ ଏକ ରେଷ୍ଟୁରାଣ୍ଟରେ ବିନାନୁମତିରେ ଚାଲିଥିଲା ଜନ୍ମଦିନ ଉତ୍ସବ। ୯୦ରୁ ଊର୍ଦ୍ଧ୍ୱ ଯୁବକ ଏକାଠି ହୋଇ ପାର୍ଟି କରୁଥିଲେ। ହେଲେ ଅଧିକାଂଶ ମାସ୍କ ପିନ୍ଧି ନ ଥିଲେ କି ସାମାଜିକ ଦୂରତ୍ୱ ମାନୁ ନ ଥିଲେ। ଖବର ମିଳିବା ପରେ ମଞ୍ଚେଶ୍ୱର ଥାନା ପୋଲିସ ଓ ବିଏମ୍‌ସିର ସ୍ୱତନ୍ତ୍ର ଟିମ୍ ଚଢାଉ କରି ଉକ୍ତ ରେଷ୍ଟୁରାଣ୍ଟକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସିଲ୍ କରିଛନ୍ତି। ଏଥିସହ ବହୁ ଯୁବକଙ୍କୁ ପୋଲିସ ଥାନାକୁ ଆଣିଥିଲା। ପଚରଉଚରା ପରେ ୨୧ ଜଣଙ୍କଠାରୁ ୫ଶହ ଲେଖାଏ ଜରିମାନା ଆଦାୟ କରାଯାଇଥିବାବେଳେ ୭ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି।




କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ମହିଳା ସଂଗଠନଗୁଡ଼ିକ ଦାବି ଦିବସ ପାଳନ ଅବସରରେ ବିକ୍ଷୋଭ କରୁଛନ୍ତି।

## ଛାତ୍ର କଂଗ୍ରେସର ବିକ୍ଷୋଭ

**ଏନ୍‌ଇଇଟି, ଜେଇଇ ପରୀକ୍ଷା ଘୁଞ୍ଚାଇବା ଦାବି**

- ରାଜଭବନ ଆଗରେ ଗୋଟିଏ ଗୋଷ୍ଠୀ ଅନଶନରେ ବସିଲା
- ବିଜେବି କଲେଜ ଫାଟକ ଆଗରେ ବିକ୍ଷୋଭ କଲା ଆଉ ଏକ ଟିମ୍

ଭୁବନେଶ୍ୱର,୨୮।୮(ବ୍ୟୁରୋ) କରୋନା ମହାମାରୀ ସମୟରେ ଜେଇଇ ଓ ନିଟ୍ ପ୍ରବେଶିକା ପରୀକ୍ଷା ଘୁଞ୍ଚାଇବା ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରୀକ୍ଷା ଘୁଞ୍ଚାଇବା ପାଇଁ ଦାବି କରୁଥିବା ବେଳେ ମୋଦି ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଦୀର୍ଘ ୬ ମାସ ଧରି କରୋନା ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଏପର୍ଯ୍ୟନ୍ତ କୌଣସି ଶିକ୍ଷାନୁଷ୍ଠାନ ଖୋଲିନାହିଁ। ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ଗଲେ ବିପଦରେ ପଡ଼ିବେ ବୋଲି ସରକାର ଅନୁଭବ କରିଛନ୍ତି। ଗମନାଗମନ ସ୍ୱାଭାବିକ ହୋଇନାହିଁ। ଅଧିକାଂଶ ସ୍ଥାନରେ ଇଣ୍ଟରନେଟର ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ ପ୍ରସ୍ତୁତି ମଧ କରିନାହାନ୍ତି। ସହରାଞ୍ଚଳରେ ହୋଟେଲ ମଧ ଖୋଲିନାହିଁ। ଏଭଳି ପରିସ୍ଥିତିରେ ମୋଦି ସରକାର ଛାତ୍ରୀଛାତ୍ରଙ୍କ ଜୀବନକୁ ବିପନ୍ନ କରିବା ପାଇଁ ଉଦ୍ୟମ କରିଛନ୍ତି। ପରୀକ୍ଷା ହଲରେ ଯେଉଁ ଭିଡ଼ ହେବ ତାହା ନିୟନ୍ତ୍ରିତ ହୋଇପାରିବ ନାହିଁ। କରୋନା ବାୟୁବାହିତ ବୋଲି ବୈଜ୍ଞାନିକମାନେ ମଧ କହିଲେଣି। କେତୋଟି ପରୀକ୍ଷା ସେଣ୍ଟର ବଢ଼ାଇ ଏବଂ କିଛି ନିୟମ ଭିତରେ ପରୀକ୍ଷା କଲେ କରୋନା ଆକ୍ରମଣ କରିବ ନାହିଁ ବୋଲି କେନ୍ଦ୍ର ସରକାର ଯେଉଁ ଧାରଣା ନେଇଛନ୍ତି ତାହା ଭୁଲ। ଆସନ୍ତା ୬ ମାସ ପର୍ଯ୍ୟନ୍ତ ସ୍କୁଲ, କଲେଜର ଫି ଛାଡ଼ ଏବଂ କରୋନା ନିୟନ୍ତ୍ରିତ ନ ହେବା ପର୍ଯ୍ୟନ୍ତ ପରୀକ୍ଷା ନ କରିବା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି। ଅନ୍ୟପଟେ ନିଟ୍ ଓ ଜେଇଇ ପରୀକ୍ଷା ସ୍ଥଗିତ ରଖିବା ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସର ଆଉ ଏକ ଟିମ୍ ବିଜେବି କଲେଜ ସମ୍ମୁଖରେ ବିକ୍ଷୋଭ କରି ଦାବି ଜଣାଇଛି।

## ଜେଇଇ, ଏନ୍‌ଇଇଟି ପରୀକ୍ଷା ସ୍ଥଗିତ ରହୁ

**ଦାବି ଜଣାଇ ବିକ୍ଷୋଭ କଲା ନଗର, ଛାତ୍ର କଂଗ୍ରେସ**

କଟକ ଅଫିସ,୨୮।୮ ସର୍ବଭାରତୀୟ ଜେଇଇ ଓ ଏନ୍‌ଇଇଟି ପରୀକ୍ଷା ସ୍ଥଗିତ ରଖିବା ଦାବି ଜୋର୍ ଧରୁଛି। କଟକ ନଗର କଂଗ୍ରେସ ଓ ଜିଲା ଛାତ୍ର କଂଗ୍ରେସ ଏହି ଦାବିନେଇ ଶୁକ୍ରବାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛି। କରୋନା ମହାମାରୀ ଯୋଗୁ ଛାତ୍ରୀଛାତ୍ର କିମ୍ବା ଅଭିଭାବକ ମାନସିକ ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ ନାହାନ୍ତି। ତାଲାବନ୍ଦୀ ଯୋଗୁ ଗମନାଗମନ ବ୍ୟବସ୍ଥା ପ୍ରଭାବିତ ହୋଇଛି। ପରୀକ୍ଷା ବେଳେ ସଂକ୍ରମଣ ଆଶଙ୍କା ରହିଛି। ତେଣୁ ପରୀକ୍ଷାକୁ ଅନ୍ୟୁନ ୬ ମାସ ଯାଏ ସ୍ଥଗିତ ରଖିବାକୁ ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ ଦାବି କରିଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ପ୍ରତିବାଦ ସଭାରେ ଗିରିବାଳା ବେହେରା, ନମିତା ମଞ୍ଜରୀ ସାହୁ, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ସେକ ସମିମଉଲ୍ଲା, ଚାରୁଲତା ସାହୁ, ଗୌରୀ ଦାସ, ଶୈଳବାଳା ଜେନା, ପ୍ରଦୀପ ପ୍ରଧାନ, ବିକି ଚକ୍ରବର୍ତ୍ତୀ, ରାକେଶ ମହାରଣା ଉପସ୍ଥିତ ଥିଲେ।

ସେହିପରି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବାଦାମବାଡ଼ି ଛକ ନିକଟରେ ଆୟୋଜିତ ବିକ୍ଷୋଭରେ କଂଗ୍ରେସ ସମନ୍ୱୟ କମିଟି ସଦସ୍ୟ ନିରଞ୍ଜନ ଦାଶ, ଅଲେଖ ବେଉରା, ସୁକାନ୍ତ ସାହାଣି, ବ୍ରଜ ଭୂଷଣ ସାହୁ, ରଶ୍ମିରଞ୍ଜନ ପରିଡ଼ା, ଚନ୍ଦନ ବେହେରା ଉପସ୍ଥିତ ଥିଲେ। ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଶିବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ କଲେଜ ଛକଠାରେ ବିକ୍ଷୋଭ କରାଯାଇଥିଲା। ଏଥିରେ ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରତୀକ ନାୟକ, ଉପସଭାପତି ସୌମ୍ୟ ରଞ୍ଜନ ସ୍ୱାଇଁ, ଆଶିଷ ଖୁଣ୍ଟିଆ, ସୌମ୍ୟ ସମ୍ପୂର୍ଣ୍ଣା, ପ୍ରକାଶ ସାହୁ, ବଳରାମ ସାହୁ, ଅନମୋଲ ରତନ, ଅମନ ଦାସ, ପ୍ରୀତମ ନାୟକ, ଆଶୀର୍ବାଦ ପୃଷ୍ଟି ସାମିଲ ଥିଲେ।

## ଉଚ୍ଚସ୍ତରୀୟ ବନ୍ୟା ମୁକାବିଲା ବୈଠକ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୨୮।୮(ବ୍ୟୁରୋ) ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଲକ୍ଷ୍ୟ କରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଡାକିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ବୈତରଣୀରେ ବନ୍ୟା ଯୋଗୁ ଭଦ୍ରକ ଓ ଯାଜପୁର ଜିଲାରେ ବ୍ୟାପକ କ୍ଷତି ହୋଇଛି। ଏଥିସହ ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଓ ମହାନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଉପକୂଳ ଓଡିଶାରେ ଏକ ବଡ଼ ବନ୍ୟା ଆଶଙ୍କା ଦେଖାଦେଇଛି। ଏହାକୁ ଆଖି ଆଗରେ ରଖି ଜରୁରିକାଳୀନ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ୩ରୁ ୪ଟି ହେଲିକପ୍ଟର ପଠାଇବାକୁ କେନ୍ଦ୍ର ସରକାରଙ୍କୁ କୁହାଯିବା, ବନ୍ୟାପ୍ଲାବିତ ଜିଲାରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ ପାଇଁ ଜଣେ ଲେଖାଏ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଜିଲା ସଦର ମହକୁମାକୁ ପଠାଇବା, ଡାକ୍ତରୀ ଟିମ ସାଙ୍ଗକୁ ଜରୁରିକାଳୀନ ଔଷଧ ଓ ସାମଗ୍ରୀ ମହଜୁଦ ରଖିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ବନ୍ୟା ସୁଯୋଗରେ କଳାବଜାରକୁ ନିୟନ୍ତ୍ରଣ କରିବା ପାଇଁ ବେହେରା ଦାବି କରିଛନ୍ତି।

## ଖୋର୍ଦ୍ଧା: ଗ୍ରାମାଞ୍ଚଳରେ ବଢୁଛି ସୁସ୍ଥ ହାର

ଖୋର୍ଦ୍ଧା ଅଫିସ,୨୮।୮ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶୁକ୍ରବାର ୮୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୪୮୬ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୪, ବାଲିପାଟଣା ୫, ଜଟଣୀ ୧୦, ଖୋର୍ଦ୍ଧା ୧୮, ବେଗୁନିଆ ୯, ବୋଲଗଡ଼ ୨୧, ଟାଙ୍ଗୀ ୧, ଚିଲିକା ୩, ବାଣପୁର ବ୍ଲକର ୧୧ଜଣ ରହିଛନ୍ତି। ସେହିପରି ଗ୍ରାମାଞ୍ଚଳରେ ମୋଟ୍ ୪୩୭୪ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩୦୯୮ଜଣ ସୁସ୍ଥ ହୋଇଛନ୍ତି। ୧୨୫୦ଜଣ ସକ୍ରିୟ ରୋଗୀ ରହିଥିବା ବେଳେ ୨୬ଜଣଙ୍କ ମୃତ୍ୟୁ ଘଟିଛି। ଗ୍ରାମାଞ୍ଚଳରେ ସୁସ୍ଥହାର ୭୦.୮୨ପ୍ରତିଶତ ରହିଛି। ଆକ୍ରାନ୍ତଙ୍କ ସଂଖ୍ୟା ତୁଳନାରେ ସୁସ୍ଥ ହାର ଅଧିକ ରହିଛି। କରୋନା ନିୟନ୍ତ୍ରଣ ଲାଗି ନିୟମିତ ସମୀକ୍ଷା, ସନ୍ଦିଗ୍ଧ ଅଞ୍ଚଳରେ ଉପରେ ଅଧିକ ଫୋକସ କରାଯାଉଛି। ସଂକ୍ରମିତ ଅଞ୍ଚଳରେ କୋଭିଡ୍ ପରିଚାଳନା କମିଟି ତଦାରଖ କରୁଛନ୍ତି ବୋଲି ଜିଲାପାଳ ସନତ୍ କୁମାର ମହାନ୍ତି କହିଛନ୍ତି।

## ୨ ବିଡିଓ ପଦବୀ ପୂରଣ ଦାବି କଲା ଭାଜପା

ଖୋର୍ଦ୍ଧା ଅଫିସ/ ବେଗୁନିଆ, ୨୮।୮(ଡି.ଏନ୍.ଏ.) ଖୋର୍ଦ୍ଧା ଜିଲା ବେଗୁନିଆ ଓ ବୋଲଗଡ଼ ବ୍ଲକରେ ବିଡିଓ ପଦବୀ ଖାଲିପଡିଛି। ଏହା ସହ ବୋଲଗଡ଼ରେ ସବ୍ ରେଜିଷ୍ଟ୍ରାର ପଦବୀ ଖାଲି ପଡିଥିବା ବେଳେ ତହସିଲଦାର ଛୁଟିରେ ରହିଛନ୍ତି। ବୋଲଗଡ଼ ଏବିଡିଓ ବେଗୁନିଆ ବ୍ଲକ ବିଡିଓ ଦାୟିତ୍ୱରେ ରହିଛନ୍ତି। ଫଳରେ ଏହି ଦୁଇ ବ୍ଲକରେ କୋଭିଡ୍ ନିୟନ୍ତ୍ରଣ ଏବଂ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଏହି ଦୁଇ ବ୍ଲକରେ ବିଡିଓ ପଦବୀ ପୂରଣ ଦାବିରେ ବେଗୁନିଆ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭାଜପା ରାଜ୍ୟ ପରିଷଦ ସଭ୍ୟ ଲୋତକ ବିନ୍ଦୁ ପଟ୍ଟନାୟକ, ରିଷଭ ନନ୍ଦ, ସଞ୍ଜୟ ବେହେରା, ଅଜିତ୍ ପଟ୍ଟନାୟକ, ପରମାନନ୍ଦ ସୁବୁଦ୍ଧି, ସୁବାସ ମିଶ୍ର, ଲକ୍ଷ୍ମୀଧର ପାଟଶାଣୀ, ସୁଦର୍ଶନ ମଲ୍ଲିକ, ପ୍ରକାଶ ସାହୁ ଉପସ୍ଥିତ ଥିଲେ।

## ରାସ୍ତାକୁ ଓହ୍ଲାଇଲା ବାମ ଦଳ

**ବଗଲା ଜମି ବିବାଦ**
**ନବମ ଦିନରେ ଭାଜପାର ଧାରଣା**

ପୁରୀ ଅଫିସ,୨୮।୮ ବଗଲା ଜମି ବିବାଦକୁ ନେଇ ବିରୋଧ ଜାରି ରହିଛି। ଭାଜପା, କଂଗ୍ରେସ, ସିପିଆଇ(ଏମ୍) ଭଳି ରାଜନୈତିକ ଦଳ ଏହାକୁ ତୀବ୍ର ବିରୋଧ କରିଆସୁଥିବାବେଳେ ଶୁକ୍ରବାର ରାସ୍ତାକୁ ଓହ୍ଲାଇଛନ୍ତି ବାମପନ୍ଥୀ ଦଳ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ନବମ ଦିନ ପାଇଁ ବଗଲା ଧର୍ମଶାଳା ସମ୍ମୁଖରେ ମଧ ଧାରଣା ଦିଆଯାଇଥିଲା। ଏଥିରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇଥିଲେ। ଉଭୟେ ଧର୍ମଶାଳା ଜମି ବିକ୍ରିକୁ ଦୃଢ ନିନ୍ଦା କରିଥିଲେ। ଗରିବ ଯାତ୍ରୀଙ୍କ ପାଇଁ ବଖରା ଟିଏ କରିପାରି ନ ଥିବାବେଳେ ଦାନ ସୂତ୍ରରେ ମିଳିଥିବା ଧର୍ମଶାଳା ଜମି ବିକ୍ରିକୁ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ । ଏହି ଧାରଣାରେ ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସେହିପରି ବାମପନ୍ଥୀ ଦଳ ସିପିଏମ୍, ସିପିଆଇ, ସିପିଆଇ (ଏମ୍‌ଏଲ) ଲିବରେଶନ, ଫରୱାର୍ଡ ବ୍ଲକ, ସିପିଆଇ (ଏମ୍‌ଏଲ) ପକ୍ଷରୁ ବଗଲା ଧର୍ମଶାଳା ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ସମସ୍ତ ୬ଟି ଯାକ ବିକ୍ରି କବଲା ବାତିଲ ଏବଂ ଧର୍ମଶାଳାର ପୁନରୁଦ୍ଧାର ପାଇଁ ସେମାନେ ଦାବି କରିଥିଲେ। ଏଥିରେ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ପ୍ରଦୀପ ମହାନ୍ତି, କିଷାନ ପଟ୍ଟନାୟକ, ଅଶୋକ ପ୍ରଧାନ, ବ୍ରଜବନ୍ଧୁ ପ୍ରଧାନ, ମୋହନ ନାଇଡୁ, ଜୟରାମ ଜେନା, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## କୁଶଭଦ୍ରା ନଦୀବନ୍ଧ ବୁଲି ଦେଖିଲେ ମନ୍ତ୍ରୀ

ଗୋପ/ ନିମାପଡ଼ା, ୨୮।୮(ଡି.ଏନ୍.ଏ.) କୁଶଭଦ୍ରା ନଦୀରେ ବନ୍ୟା ଆଶଙ୍କା ଥିବାରୁ ଗୋପ ବ୍ଲକ ଅଞ୍ଚଳରେ ଥିବା ନଦୀକୂଳିଆ ଗାଁଗୁଡ଼ିକରେ ଏବେ ଆତଙ୍କ ଦେଖାଦେଇଛି। ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ନିମାପଡ଼ା ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର କୁଶଭଦ୍ରା ନଦୀବନ୍ଧର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ଚଳିତବର୍ଷର ଲଗାଣ ବର୍ଷା ସହ ବନ୍ୟାଜଳ ବଢୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ମନ୍ତ୍ରୀ ଦାଶ ଗୋପ ଜଳସମ୍ପଦ ବିଭାଗ ଅଧୀନ ତିନିମୁହାଣି, ବେଣୀପୁର ସହ ୫୦ରୁ ଅଧିକ ନଦୀକୂଳିଆ ଗ୍ରାମବାସୀଙ୍କ ସହ ଆଲୋଚନା ଓ ଦୁର୍ବଳ ନଦୀ ବନ୍ଧ ଉପରେ ନଜର ରଖିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ଗୋପ ଜଳସମ୍ପଦ ବିଭାଗ ଡାକବଙ୍ଗଳାରେ ବୈଠକ କରିଥିଲେ। ସେହିପରି ମନ୍ତ୍ରୀ ନିମାପଡ଼ା ଓ ବଳଙ୍ଗା ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଗସ୍ତ ବେଳେ ଗୋପ ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି, ମଧୁସୂଦନ ପାଇକରାୟ, ସୁକାନ୍ତ ମହାନ୍ତି ଉପସ୍ଥିତ ଥିଲେ।

## ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

କଟକ ଅଫିସ,୨୮।୮ ଲଘୁଚାପ ବର୍ଷା ଯୋଗୁ ଜିଲାରେ ବନ୍ୟା ସମସ୍ୟା ଦେଖାଦେବା ସହ ୨ ବ୍ଲକ, ୪ ପଞ୍ଚାୟତ ଓ ୨ ଗ୍ରାମରେ ଆଂଶିକ କ୍ଷତି ହୋଇଛି। ୮୩୦ ଜଣ ପ୍ରଭାବିତ ହୋଇଛନ୍ତି। କଟକ ମହାନଗର ନିଗମର ୫୫ ନଂ ୱାର୍ଡରେ ପାଣି ପଶିଥିବାରୁ ନିଷ୍କାସନ ବ୍ୟବସ୍ଥା କରାଯାଉଛି। ବାଙ୍କୀ ଉପଖଣ୍ଡରେ ଅନ୍ଧିଆ, ବନ୍ଦାଳ, ବାଂଶପୁଟ, କଣ୍ଟାପହଁରା ଗ୍ରାମରେ ପ୍ରଭାବିତ ଲୋକଙ୍କୁ ନିରାପଦ ଜାଗାକୁ ସ୍ଥାନାନ୍ତର କରାଯାଇଛି। ଘୋଡ଼ାବର ରତାଗଡ଼ ରାସ୍ତାରେ ବନ୍ୟାଜଳ ମାଡ଼ିଯାଇ ଥିବାରୁ ଯାତାୟାତ ପାଇଁ ଦୁଇଟି ବୋଟ୍ ବ୍ୟବସ୍ଥା ହୋଇଛି। ୬ ଜଣିଆ ଓଡ୍ରାଫ ଟିମ ଓ ୬ ଜଣିଆ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଥିବା ବେଳେ ଜିଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

## ଏକାମ୍ର ବିକାଶରେ ଜବରଦଖଲ ବାଧକ

ପୁରୁଣା ଭୁବନେଶ୍ୱର,୨୮।୮ ଏକାମ୍ର କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷଭାବେ ଏକାମ୍ର ବିକାଶ ଯୋଜନାର ଥ୍ରୀଡି ଇମେଜ ସର୍ବସାଧାରଣଙ୍କ ନିମନ୍ତେ ଉପସ୍ଥାପିତ କରିଥିଲେ। ସହମତି ଭିତ୍ତିରେ ଘରୋଇ ଜମି ଅଧିଗ୍ରହଣ ସହ ମିଳିତ ଉଚ୍ଛେଦ ଟିମ୍ କାର୍ଯ୍ୟ ଜାରି ରଖିଛି। ୟୁନେସ୍କୋର ବିଶ୍ୱ ଐତିହ୍ୟ ମାନଚିତ୍ରରେ ସ୍ଥାନ ପାଇବା ନେଇ ଏକାମ୍ର ପ୍ରସ୍ତୁତ ହେଉଥିବାବେଳେ କେତେଜଣ ଜବରଦଖଲକାରୀଙ୍କ ପାଇଁ ବାଧା ଉପୁଜିବା ଆଶଙ୍କା ଦେଖାଦେଇଛି । ସୂଚନାଥାଉ କି, ଏହି କ୍ଷେତ୍ରରେ ରହିଥିବା ବୈତାଳ ମନ୍ଦିର ନିକଟରେ ହୋଇଥିବା ଅବୈଧ ନିର୍ମାଣକୁ ଆମ୍‌ସାର ଆକ୍ଟ ଅନୁଯାୟୀ ଉଚ୍ଛେଦ କରିବାକୁ ଦାବି ହେଉଛି। ରଥରୋଡ୍‌ର ଉଭୟ ପାର୍ଶ୍ୱରେ ଗୌତମନଗର ମୌଜାରେ ଥିବା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସେବାପୂଜା ପାଇଁ ଖଞ୍ଜା ଜମି ରାଜସ୍ୱ ଅଧିକାରୀ ଏବଂ ଦେବୋତ୍ତର ବିଭାଗ କର୍ମଚାରୀଙ୍କ ବୁଝାଶୁଝାରେ ଘରୋଇ ମାଲିକାନାକୁ ଚାଲିଯିବା ସହ ବିଲ୍ଡରଙ୍କ ଦ୍ୱାରା ନିର୍ମାଣକାର୍ଯ୍ୟ ବେଧଡ଼କ ଚାଲିଛି। ଏହି ମୌଜାର ପ୍ଲଟ ନଂ.୨୫୪୫ ଏପର୍ଯ୍ୟନ୍ତ ଶ୍ରୀଲିଙ୍ଗରାଜ ମହାପ୍ରଭୁ ବିଜେ ରେକର୍ଡଭୁକ୍ତ ଥିବା ସହ ସେବାୟତଙ୍କୁ ମାର୍ଫତଦାର ଦର୍ଶାଯାଇଛି। ଏହାର ଚତୁଃପାର୍ଶ୍ୱର ଚାଷଜମି ତଥା ଦେବୋତ୍ତର ଜମିଗୁଡ଼ିକ ୧୯୯୬ ମସିହାରୁ ଚଞ୍ଚକତା କରି ଲିଙ୍ଗରାଜଙ୍କ ନାମ ସ୍ଥାନରେ ସେବାୟତଙ୍କ ନାମରେ ଦରଜ କରାଯାଇଛି। ସାରଦ କିସମରୁ ଘରବାରି କରାଯିବା ସହ ବ୍ୟକ୍ତିଗତ ମାଲିକାନାରେ ରହିଛି। ଠାକୁରଙ୍କର ଏହି ମୂଲ୍ୟବାନ ସମ୍ପତ୍ତି ବିକ୍ରି ହେବାପରେ ସମ୍ପୃକ୍ତ ସେବାୟତଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସେବାରେ ବାଧା ଉପୁଜିବା ସ୍ପଷ୍ଟ ହୋଇଛି। କେତେଜଣ ନିର୍ଦ୍ଦିଷ୍ଟ ସେବାୟତ କପିଳପ୍ରସାଦ, ରାଜାରାଣୀ, ଗୌତମନଗର ଆଦି ମୌଜାର କୋଟି କୋଟି ଟଙ୍କାର ମୂଲ୍ୟବାନ ଦେବୋତ୍ତର ସମ୍ପତ୍ତିକୁ କିଭଳି ସ୍ଥିତିବାନ ଦର୍ଶାଇବା ସହ ନିଜ ମାଲିକାନାକୁ ଆଣି ବିଲଡରଙ୍କୁ ବିକ୍ରି କରୁଛନ୍ତି, ଏହାର ତଦନ୍ତ କରାଯିବା ଦରକାର ବୋଲି ଏକାମ୍ର ଜନଜାଗରଣ ମଞ୍ଚ ଓ ସେବାୟତ ମହଲରୁ ଦାବି ହେଉଛି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଏ ନେଇ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ କହିଛନ୍ତି, ବୈତାଳ ମନ୍ଦିର ନିକଟ ଅବୈଧ ନିର୍ମାଣ ଉଚ୍ଛେଦ ଏଏସ୍‌ଆଇ ପରିସର ଭୁକ୍ତ। ଶ୍ରୀଲିଙ୍ଗରାଜଙ୍କ ସେବାପୂଜା ଜମିରେ ଆପାର୍ଟମେଣ୍ଟ, ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ନେଇ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସାହିରେ ଜମିରହିଛି ନର୍ଦ୍ଦମା ପାଣି

- ହଇରାଣ ହେଉଛନ୍ତି ହଇରାଣପୁରବାସୀ
- ଅଭିଯୋଗ ଶୁଣୁନି ସିଏମ୍‌ସି

କଟକ ଅଫିସ,୨୮।୮ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଲୋକଙ୍କ ସମସ୍ୟା ଦୂରକୁ ପ୍ରାଧାନ୍ୟ ଦିଆଯାଉଥିବା କୁହାଯାଉଛି। କରୋନା ଯୋଗୁ ଅନ୍‌ଲାଇନ ମାଧ୍ୟମରେ ସମସ୍ୟାର ସମାଧାନ କରାଯାଉଛି। କିନ୍ତୁ ସିଧାସଳଖ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ଗତ ଦୁଇଦିନ ଧରି ଉକ୍ତ ଅଞ୍ଚଳରେ ନର୍ଦ୍ଦମା ପାଣି ଜମି ରହିଥିବାରୁ ଲୋକେ ହଇରାଣ ହେଉଛନ୍ତି। ମାତ୍ର ସିଏମ୍‌ସି କର୍ତ୍ତୃପକ୍ଷ ଚୁପ୍ ବସିଥିବା ୬ ନମ୍ବର ୱାର୍ଡର ହଇରାଣପୁର ସାହି ବାସିନ୍ଦା ଅଭିଯୋଗ କରିଛନ୍ତି।

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କଟକ ସହରର ବିଭିନ୍ନ ସ୍ଥାନରେ ପାଣି ଜମିରହିଛି। ସହରରେ ଜାଇକା ଲାଗି ଅନେକ ସ୍ଥାନରେ ଡ୍ରେନେଜ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ବର୍ଜ୍ୟବସ୍ତୁ ଓ ଜଳ ନିଷ୍କାସନ ଠିକ ଭାବେ ହୋଇପାରୁନାହିଁ। ସିଏମ୍‌ସି ଅଧୀନ ହଇରାଣପୁର ସାହିରେ ଗତ ୨ଦିନ ହେବା ନର୍ଦ୍ଦମା ପାଣି ଜମି ରହିଛି। ଡ୍ରେନ୍‌ଗୁଡ଼ିକ ଜାମ୍ ହୋଇଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ପ୍ରାୟ ୬୦ଟି ପରିବାର ଏହି ଅସୁବିଧା ଭୋଗୁଛନ୍ତି। ଏ ନେଇ ସାହିର କେତେଜଣ ବ୍ୟକ୍ତି ସିଏମ୍‌ସିର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ। ମାତ୍ର ତାହା ସିଏମ୍‌ସିର କାର୍ଯ୍ୟ ନୁହେଁ କହି ସେ ଫୋନ କାଟିଦେଇଥିଲେ ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ସେହିପରି ସିଏମ୍‌ସି ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉ ନ ଥିବା ସେମାନେ କହିଛନ୍ତି। ଏପରି କି କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଅଞ୍ଚଳକୁ ସାନିଟାଇଜ କରାଯାଉ ନ ଥିବା ସାହି ବାସିନ୍ଦା ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଜଳ ନିଷ୍କାସନ ନେଇ ସିଏମ୍‌ସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ବାସିନ୍ଦାମାନେ ସମସ୍ୟା ବିଷୟରେ ଅବଗତ କରାଇ ଥିଲେ। ହେଲେ ତାହା ସିଏମ୍‌ସିର କାର୍ଯ୍ୟ ନୁହେଁ। ଏହା ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଆସୁଥିବା ସେମାନଙ୍କୁ ଅବଗତ କରାଯାଇଛି।



ସାହି ରାସ୍ତାରେ ନର୍ଦ୍ଦମା ପାଣି ଜମି ରହିଛି।

